# NATIONAL NEWS BULLETIN (ODIA)

## 12th March' 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- କୃଷିକ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରିତା ସମ୍ପର୍କିତ ବିଶ୍ୱ ସମ୍ମିଳନୀକୁ ଆଜି ନୂଆଦିଲ୍ଲୀରେ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ରାଜ୍ୟସଭାରେ ଆଜି କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର କାର୍ଯ୍ୟଧାରା ଉପରେ ହେବ ଆଲୋଚନା ।

- ପଶ୍ଚିମ ଏସିଆ ପରିସ୍ଥିତି ମଧ୍ୟରେ ସରକାରଙ୍କ ପଦକ୍ଷେପ ଯୋଗୁଁ ଦେଶରେ ଏଲ୍.ପି.ଜି. ଉତ୍ପାଦନ ୨୫ ପ୍ରତିଶତ ବୃଦ୍ଧି ।

- କାତାର୍ ଏୟାରୱେଜ୍‌ର ୨ଟି ବିମାନରେ ଆଜି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ସେଠାରେ ଅଟକି ରହିଥିବା ଭାରତୀୟ ।

ଏବଂ

- ଚଳିତ ମାସ ୨୮ରୁ ଆରମ୍ଭ ହେବ ଆଇ.ପି.ଏଲ୍.ର ୧୯ତମ ସଂସ୍କରଣ ।

— ୧୦ଟି ସ୍ଥାନରେ ଖେଳାଯିବ ୨୦ଟି ମ୍ୟାଚ୍ ।

## ପି.ଏମ୍. - ତିରୁଚିରାପଲ୍ଲୀ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେରଳମ୍ ଏବଂ ତାମିଲନାଡୁ ଗସ୍ତରେ ଯାଇ ଗତକାଲି ୧୬ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ତାମିଲନାଡୁରେ ପ୍ରଧାନମନ୍ତ୍ରୀ ୫ ହଜାର ୬୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରି କହିଛନ୍ତି, କେନ୍ଦ୍ର ସରକାରଙ୍କଦ୍ୱାରା ଆରମ୍ଭ କରାଯାଇଥିବା ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ ସମ୍ପୃକ୍ତ ରାଜ୍ୟରେ ଯୋଗାଯୋଗ ବ୍ୟବସ୍ଥା ଏବଂ କର୍ମ ନିଯୋଜନ ସୁଯୋଗ ବୃଦ୍ଧି କରିବ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ୨ଟି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍, ଦୁଇଟି ନିୟମିତ ଏକ୍ସପ୍ରେସ୍ ଟ୍ରେନ୍ ଏବଂ ଗୋଟିଏ ପାସେଞ୍ଜର ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି । ଶ୍ରୀ ମୋଦି ୩ ହଜାର ୬୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍‌ର ସହରାଞ୍ଚଳ ଗ୍ୟାସ୍ ବିତରଣ ବ୍ୟବସ୍ଥାର ମଧ୍ୟ ଶୁଭାରମ୍ଭ କରିଛନ୍ତି । ଏକ ର୍‌ୟାଲିକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତି ବିଶ୍ୱ ଶକ୍ତିଯୋଗାଣ ଶୃଙ୍ଖଳକୁ ବାଧା ପ୍ରାପ୍ତ କରିଛି ।

# ପ୍ରେଜ୍ - ଜି.ସି.ଡବ୍ଲ୍ୟୁବଏ.ଏସ୍.-୨୦୨୬

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ 'କୃଷି-ଖାଦ୍ୟ ଶୃଙ୍ଖଳାରେ ମହିଳାଙ୍କ ଯୋଗଦାନ' ଶୀର୍ଷକ ବିଶ୍ୱ ସମ୍ମିଳନୀକୁ ଉଦଘାଟନ କରିବେ। ଏହି ବିଶ୍ୱ ସମ୍ମିଳନୀର ବିଷୟବସ୍ତୁ ରହିଛି 'ପ୍ରଗତିକୁ ଆଗେଇ ନେବା, ନୂତନ ଶିଖର ହାସଲ କରିବା' । ଏହି ତିନି ଦିନିଆ ସମ୍ମିଳନୀ ଦିଲ୍ଲୀର ଭାରତୀୟ କୃଷି ଗବେଷଣା ପରିଷଦର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ମଧ୍ୟ ଏହି ଅବସରରେ ଉପସ୍ଥିତ ରହିବେ।

ଗତକାଲି ଏକ ସାମ୍ବାଦିକ ସମ୍ମିଳନୀରେ ଆଇ.ସି.ଏ.ଆର୍.ର ମହାନିର୍ଦ୍ଦେଶକ ମହାନିର୍ଦ୍ଦେଶକ ଡକ୍ଟର ଏମ. ଏଲ. ଜାଟ କହିଛନ୍ତି, ଏହି କାର୍ଯ୍ୟକ୍ରମ ୨୦୨୬ରେ ଜାତିସଂଘ ଦ୍ୱାରା ଘୋଷିତ ମହିଳା କୃଷକଙ୍କ ପାଇଁ ଅନ୍ତର୍ଜାତୀୟ ବର୍ଷ ସମୟରେ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମର ବିଷୟବସ୍ତୁ ସମ୍ପର୍କରେ ସେ କହିଛନ୍ତି, ଏହି ସମ୍ମିଳନୀ ନୀତି ନିର୍ଦ୍ଧାରଣ, ପ୍ରଯୁକ୍ତିବିଦ୍ୟା ନବସୃଜନ ଏବଂ ଅନ୍ତର୍ଭୁକ୍ତ କୃଷି ବିକାଶକୁ ପ୍ରୋତ୍ସାହନ ଦେବାରେ ସହାୟକ ହେବ ।

ଏଥିରେ ବିଭିନ୍ନ ଦେଶର ବୈଜ୍ଞାନିକ, ନୀତି ନିର୍ଦ୍ଧାରକ, ଶିଳ୍ପ ନେତୃତ୍ୱ, ଉଦ୍ୟୋଗୀ, ବୃତ୍ତିଗତ, ମହିଳା ଚାଷୀ, ଷ୍ଟାର୍ଟ-ଅପ୍ ଏବଂ ଛାତ୍ରଛାତ୍ରୀଙ୍କ ସମେତ ୭୦୦ ରୁ ଅଧିକ ପ୍ରତିନିଧି ଯୋଗଦେବାର ଆଶା କରାଯାଉଛି।

## ପାର୍ଲାମେଣ୍ଟ ଟୁଡେ

ରାଜ୍ୟସଭାରେ ଆଜି କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର କାର୍ଯ୍ୟଧାରା ଉପରେ ଅଧିକ ଆଲୋଚନା ହେବ। ଲୋକସଭାରେ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ଆର୍ଥିକ ବର୍ଷପାଇଁ ଭାରତର ସମନ୍ୱିତ ପାଣ୍ଠିରୁ ଏବଂ ସେଥିରୁ କିଛି ଅଧିକ ପରିମାଣର ଦେୟ ଏବଂ ବ୍ୟୟକୁ ଅନୁମୋଦନ କରିବା ପାଇଁ ବ୍ୟୟ ବିଲ୍, ୨୦୨୬ ଆଗତ କରିବାର କାର୍ଯ୍ୟକ୍ରମ ରହିଛି। ଗତକାଲି, ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ବାଚନିକ ଭୋଟ୍‌ରେ ପ୍ରତ୍ୟାଖ୍ୟାନ ହୋଇଥିଲା ।

ଗୃହରେ ଆଲୋଚନାର ଉତ୍ତରରେ ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଥିଲେ, ବିରୋଧୀ ଦଳ ଦ୍ୱାରା ବାଚସ୍ପତିଙ୍କ ସାଧୁତା ଉପରେ ପ୍ରଶ୍ନ କରିବା ଦୁର୍ଭାଗ୍ୟଜନକ। ସେ କହିଥିଲେ, ପ୍ରାୟ ଚାରି ଦଶନ୍ଧି ପରେ, ଲୋକସଭା ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି ଏବଂ ଏହା ସଂସଦୀୟ ରାଜନୀତି ଏବଂ ଗୃହ ଉଭୟ ପାଇଁ ଏକ

ଦୁଃଖଦ ଘଟଣା। ସେ କହିଥିଲେ, ବାଚସ୍ପତି କୌଣସି ରାଜନୈତିକ ଦଳ ନୁହେଁ ବରଂ ଗୃହର। ବିଜେପି ଏବଂ ଏନଡିଏ କେବେବି ଲୋକସଭା ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ନାହାନ୍ତି । କାରଣ ଦଳ ବିଶ୍ୱାସ କରେ ଯେ ବାଚସ୍ପତିଙ୍କ ସାଧୁତା ନେଇ କୌଣସି ସନ୍ଦେହର ଅବକାଶ ନାହିଁ ।

***Voice (Shah on Speaker)..........***

# ୱେଷ୍ଟ ଏସିଆ - ବ୍ରିଫଂ

ଘରୋଇ ଗ୍ରାହକଙ୍କ ପାଇଁ ଯୋଗାଣ ବୃଦ୍ଧି କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ପରେ ଭାରତରେ ଏଲପିଜି ଉତ୍ପାଦନ ୨୫ ପ୍ରତିଶତ ବୃଦ୍ଧି ପାଇଛି। ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀରେ ପଶ୍ଚିମ ଏସିଆର ସାମ୍ପ୍ରତିକ ବିକାଶ ଉପରେ ଏକ ଆନ୍ତଃମନ୍ତ୍ରାଳୟ ସମ୍ମିଳନୀକୁ ସମ୍ବୋଧିତ କରି ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଗତ ୮ ତାରିଖରେ ସରକାର ଏଲ୍.ପି.ଜି. ଉତ୍ପାଦନ, ପ୍ରକ୍ରିୟାକରଣ, ବଣ୍ଟନ ଏବଂ ପରିଚାଳନାକୁ ନିୟନ୍ତ୍ରଣ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ । ଫଳରେ ଘରୋଇ ଏଲପିଜି ଉତ୍ପାଦନ ପ୍ରାୟ ଏକ ଚତୁର୍ଥାଂଶ ବୃଦ୍ଧି ପାଇଛି ।

ଦେଶରେ ଅଶୋଧିତ ତୈଳ ଯୋଗାଣ ବିଷୟରେ ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଦେଶର ଯୋଗାଣ ସୁରକ୍ଷିତ ରହିଛି ଏବଂ ପ୍ରାୟ ୭୦ ପ୍ରତିଶତ ଅଶୋଧିତ ଆମଦାନୀ ଏବେ ହରମୁଜ୍ ପ୍ରଣାଳୀ ବାହାରୁ ଆସୁଛି। ସେ ଆହୁରି କହିଛନ୍ତି. ସରକାରଙ୍କ ଦ୍ୱାରା ସୁରକ୍ଷିତ ଅଶୋଧିତ ତୈଳର ପରିମାଣ ସାଧାରଣତଃ ହରମୁଜ୍ ପ୍ରଣାଳୀ ଦେଇ ଆସୁଥିବା ପରିମାଣଠାରୁ ଅଧିକ। ସେ କହିଛନ୍ତି, ଦେଶ ୪୦ ଟି ଦେଶରୁ ଅଶୋଧିତ ତୈଳ ଆମଦାନୀ କରୁଛି । ଯୁଗ୍ମ ସଚିବ କହିଛନ୍ତି, ଦେଶର ଗ୍ୟାସ କମ୍ପାନୀଗୁଡ଼ିକ ନୂତନ ଉତ୍ସରୁ LNG ଆଣିବା ବ୍ୟବସ୍ଥା କରିଛନ୍ତି। ସେଥିମଧ୍ୟରୁ ଦୁଇଟି ଏବେ ଭାରତକୁ ଆସୁଛି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ କହିଛନ୍ତି, ସରକାର GCC ଏବଂ ପଶ୍ଚିମ ଏସୀୟ ଦେଶଗୁଡ଼ିକରେ ରହୁଥିବା ଭାରତୀୟ ନାଗରିକଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ। ସେ ଆହୁରି କହିଛନ୍ତି, ସମସ୍ତ ଭାରତୀୟ ମିଶନ ସମ୍ପ୍ରଦାୟର ସଦସ୍ୟଙ୍କ ସହିତ ସରକାର ନିୟମିତ ଯୋଗାଯୋଗରେ ଅଛନ୍ତି। ଏକ ବାଣିଜ୍ୟିକ ଜାହାଜରେ ଆକ୍ରମଣ ଯୋଗୁଁ ଦୁଇଜଣ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ନିଖୋଜ ଥିବା ସେ କହିଛନ୍ତି ।

ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ କୁମାର ସିହ୍ନା କହିଛନ୍ତି, ବର୍ତ୍ତମାନ ପାରସ୍ୟ ଉପସାଗରରେ ୨୮ ଟି ଭାରତୀୟ ଜାହାଜ କାର୍ଯ୍ୟ କରୁଛି, ଯେଉଁଥିରେ ୭୭୮ ଜଣ ଭାରତୀୟ

ନାବିକ ଅଛନ୍ତି। ସେ କହିଛନ୍ତି. ସରକାର ଏହି ସମସ୍ତ ଜାହାଜ ଏବଂ କର୍ମଚାରୀଙ୍କ ସୁରକ୍ଷା ଏବଂ ସୁରକ୍ଷା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି ।

## କାତାର - ଆଡ୍‌ଭାଇଜରୀ

କତାରରେ ଥିବା ଭାରତୀୟ ଦୂତାବାସର ସୂଚନା ଅନୁଯାୟୀ ସେଠାରେ ଅଟକି ରହିଥିବା ୫୦୦ରୁ ଅଧିକ ଭାରତୀୟଙ୍କୁ କତାର ଏୟାରୱେଜ୍ ବିମାନରେ ନୂଆଦିଲ୍ଲୀ ଏବଂ ଅନ୍ୟାନ୍ୟ ସ୍ଥାନକୁ ପଠାଯାଇଛି । ଆଜି କତାର ଏୟାରୱେଜ୍‌ର ଗୋଟିଏ ବିମାନ ନୂଆଦିଲ୍ଲୀ ଏବଂ ଅନ୍ୟ ଏକ ବିମାନ ମୁମ୍ବାଇକୁ ଉଡ଼ାଣ କରିବ। କୌଣସି ପ୍ରକାରର ସହାୟତା ଏବଂ ଅଭିଯୋଗପାଇଁ ଭାରତୀୟ ଦୂତାବାସର ତିନୋଟି ୨୪ ଘଣ୍ଟିଆ ସହାୟତା ଲାଇନ ଉପଲବ୍ଧ ରହିଛି। ଦୂତାବାସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଭାରତୀୟ ନାଗରିକଙ୍କ ପାଇଁ ଶୀଘ୍ର ପାସପୋର୍ଟ ପ୍ରଦାନ ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ବର୍ତ୍ତମାନର ପରିସ୍ଥିତି ଯୋଗୁଁ, ପାସପୋର୍ଟ ଆବେଦନ ଗ୍ରହଣ କରିବା ପାଇଁ ସପ୍ତାହର ସମସ୍ତ ଦିନ ଦୂତାବାସ ଖୋଲା ରହିଛି ଏବଂ ଦୁଇ ଦିନ ମଧ୍ୟରେ ତତ୍କାଳ ପାସପୋର୍ଟ ଜାରି କରାଯାଉଛି।

ଦୂତାବାସ ପକ୍ଷରୁ ଲୋକମାନଙ୍କୁ ସରକାରୀ ସୂଚନା ଅନୁସରଣ କରିବା ଲାଗି ପରାମର୍ଶ ଦିଆଯାଇଛି ।

## ୟୁ.ଏନ୍.ଏସ୍.ସି. ରିଜୋଲ୍ୟୁସନ

ଜାତିସଂଘ ସୁରକ୍ଷା ପରିଷଦରେ ପାରିତ ପ୍ରସ୍ତାବ ଅନୁଯାୟୀ ଇରାନକୁ ଉପସାଗରୀୟ ଦେଶଗୁଡ଼ିକ ଉପରେ ଆକ୍ରମଣ ବନ୍ଦ କରିବା ଲାଗି ଆହ୍ୱାନ ଦିଆଯାଇଛି । ଏଭଳି ଆକ୍ରମଣ ଅନ୍ତର୍ଜାତୀୟ ଆଇନ ଉଲ୍ଲଂଘନ କରବା ସହ ଅନ୍ତର୍ଜାତୀୟ ଶାନ୍ତି ଏବଂ ସୁରକ୍ଷା ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରୁଛି ବୋଲି ଜାତିସଂଘ କହିଛି । ଏଥିଲାଗି ଆଗତ ପ୍ରସ୍ତାବ ସପକ୍ଷରେ ୧୩ ଭୋଟ ପଡ଼ିଥିବାବେଳେ ଦୁଇଟି ଦେଶ ଭୋଟ ଦାନରୁ ବିରତ ରହିଥିଲେ ଏବଂ କୌଣସି ଦେଶ ପ୍ରସ୍ତାବକୁ ବିରୋଧ କରି ନ ଥିଲେ । ଇସଲାମିକ ଗଣରାଜ୍ୟ ଇରାନ ଦ୍ୱାରା ବାହାରିନ, କୁୱେତ, ଓମାନ, କତାର, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଜୋର୍ଡାନ ବିରୋଧରେ ସମସ୍ତ ଆକ୍ରମଣକୁ ତୁରନ୍ତ ବନ୍ଦ କରିବାକୁ ଦାବି କରାଯାଇଥିଲା ।

ସୂଚନାଯୋଗ୍ୟ, ଗତ ଫେବୃଆରୀ ୨୮ ରେ ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣ ପରେ ଇରାନ ବାରମ୍ବାର ଉପସାଗରୀୟ ଦେଶଗୁଡ଼ିକ ଉପରେ ଆକ୍ରମଣ ଜାରି ରଖିଛି ।

## ଆମେରିକ-ପେଶୱାର

ଆମେରିକାର ବୈଦେଶିକ ବିଭାଗ ପାକିସ୍ତାନରେ ଥିବା ପେଶୱାର୍‌ରେ ଥିବା ଏହାର କନ୍‌ସୁଲେଟ୍‌କୁ ସ୍ଥାୟୀ ଭାବରେ ବନ୍ଦ କରିବା ବୋଲି

ଜଣାପଡ଼ିଛି । ୨୦୦୧ ମସିହାରେ ଆଫଗାନିସ୍ତାନ ଆକ୍ରମଣ ପୂର୍ବରୁ ଏହି କନ୍‌ସୁଲେଟ୍ କାର୍ଯ୍ୟ ଆରମ୍ଭ କରିଥିଲା । ଏହାକୁ ବନ୍ଦ କରିବା ଫଳରେ ଆମେରିକା ପ୍ରତିବର୍ଷ ୭ ଦଶମିକ ୫ ନିୟୁତ ଡଲାର ସଞ୍ଚୟ କରିବ ବୋଲି ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ୱେଷ୍ଟ ଏସିଆ କନ୍‌ଫ୍ଲିକ୍ଟ

ପଶ୍ଚିମ ଏସିଆ ଉତ୍ତେଜନାମୂଳକ ପରିସ୍ଥିତି ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଇରାନ ପାରସ୍ୟ ଉପସାଗରରେ ଚଳାଚଳ କରୁଥିବା ବାଣିଜ୍ୟିକ ଜାହାଜ ଏବଂ ୟୁଏଇରେ ବିମାନ ଚଳାଚଳ ଭିତ୍ତିଭୂମି ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରୁଛି । ଆବୁଧାବି କର୍ତ୍ତୃପକ୍ଷରୁ ସୂଚନା ଅନୁଯାୟୀ ଏକ ଆକ୍ରମଣରେ ଆବୁଧାବି ବିମାନବନ୍ଦର ନିକଟରେ ଅଗ୍ନିକାଣ୍ଡ ଘଟିଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରାଯାଇଥିଲା। ପୂର୍ବରୁ ମାର୍ଚ୍ଚ ୧୧ ତାରିଖରେ, ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ଏକ ଡ୍ରୋନ୍ ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କ ସମେତ ୪ ଜଣ ଆହତ ହୋଇଥିଲେ।

ଅନ୍ୟପକ୍ଷରେ ପଶ୍ଚିମ ଏସୀୟ ଯୁଦ୍ଧ ପରିସ୍ଥିତିରେ ବିଶ୍ୱ ଯୋଗାଣ ଶୃଙ୍ଖଳକୁ ସନ୍ତୁଳନ କରିବା ପାଇଁ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି ୪୦୦ ନିୟୁତ

ବ୍ୟାରେଲ ଜରୁରୀକାଳୀନ ଅଶୋଧିତ ତୈଳ ଭଣ୍ଡାର ମୁକ୍ତ କରିବାକୁ ରାଜି ହୋଇଛି ।

## ଆଇ.ଇ.ଏ. - ଅଏଲ୍ ଷ୍ଟକ୍ସ

ପଶ୍ଚିମ ଏସିଆ ଅଞ୍ଚଳରେ ସୃଷ୍ଟ ପରିସ୍ଥିତି ମଧ୍ୟରେ ଜରୁରୀକାଳୀନ ତୈଳ ଷ୍ଟକ୍ ମୁକ୍ତ କରିବା ପାଇଁ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ନିଷ୍ପତ୍ତିକୁ ଭାରତ ସ୍ୱାଗତ କରିଛି। ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟଦ୍ୱାରା ଜାରି ଏକ ବିବୃତ୍ତି ଅନୁଯାୟୀ ଭାରତ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ଏକ ସହଯୋଗୀ ସଦସ୍ୟ ଏବଂ ଅନ୍ତର୍ଜାତୀୟ ଶକ୍ତି ସହଯୋଗରେ ଏକ ସକ୍ରିୟ ଅଂଶଗ୍ରହଣକାରୀ। ଭାରତ ବିଶ୍ୱ ଶକ୍ତି ବଜାରରେ, ବିଶେଷକରି ମଧ୍ୟପ୍ରାଚ୍ୟରେ ବିକଶିତ ପରିସ୍ଥିତି ଉପରେ କଡ଼ା ନଜର ରଖିଛି ଏବଂ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ପ୍ରୟାସ ସହିତ ସମନ୍ୱୟ ରଖି ବିଶ୍ୱ ବଜାର ସ୍ଥିରତାକୁ ସମର୍ଥନ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ପ୍ରସ୍ତୁତ ରହିଥିବା କୁହାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

'ଆକାଶବାଣୀରେ ଲୋକଙ୍କ ପଦ୍ମ' ଶୀର୍ଷକ ଧାରାବାହିକର ପରବର୍ତ୍ତୀ ଭାଗରେ ଜମ୍ମୁ-କାଶ୍ମୀରରେ କାର୍ଯ୍ୟ କରୁଥିବା ବ୍ରିଜ୍ ଲାଲ୍ ଭଟ୍ଟଙ୍କ ସହ

ବାର୍ତ୍ତାଳାପ ପ୍ରଚାର କରାଯିବ । ବ୍ରିଜ୍ ଲାଲ୍ ଭଟ୍ଟଙ୍କୁ ସାମାଜିକ କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାପାଇଁ ପଦ୍ମଶ୍ରୀ ପ୍ରଦାନ କରାଯିବ । ଏହି ପୋଡ୍‌କାଷ୍ଟ ଆଜି ସନ୍ଧ୍ୟା ୫ଟା ୧୦ ମିନିଟ୍‌ରେ ୧୦୦ ଦଶମିକ ୧ରେ ଆକାଶବାଣୀ ଗୋଲ୍ଡ୍ ଚ୍ୟାନେଲ୍‌ରେ ଶୁଣାଯାଇପାରିବ । ଆସନ୍ତାକାଲି ସକାଳ ୯ଟା ୧୦ମିନିଟ୍‌ରେ ଏହାର ପୁନଃ ପ୍ରସାରଣ କରାଯିବ । News on air App ଏବଂ News on air official ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ ।

## ବି.ସି.ସି.ଆଇ. - ଆଇ.ପି.ଏଲ୍. - ୨୦୨୬

ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (BCCI) ଚଳିତ ମାସ ୨୮ରୁ ଏପ୍ରିଲ୍ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଆଇ.ପି.ଏଲ୍.ର ପ୍ରଥମ ପର୍ଯ୍ୟାୟ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛି। ଏହି ସମୟ ମଧ୍ୟରେ ତିନୋଟି ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ, ନିର୍ବାଚନ ତାରିଖ ଘୋଷଣା ହେବା ପରେ ଟୁର୍ଣ୍ଣାମେଣ୍ଟର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା କରାଯିବ। ବିଶ୍ୱର ସବୁଠାରୁ ବଡ଼ T20 ଲିଗର ୧୯ତମ ସଂସ୍କରଣ ବେଙ୍ଗାଲୁରୁର ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆରମ୍ଭ ହେବ । ଉଦ୍‌ଘାଟନୀ ମ୍ୟାଚ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ସନରାଇଜର୍ସ ହାଇଦ୍ରାବାଦ  ମଧ୍ୟରେ ଅନୁଷ୍ଠିତ

ହେବ । ଶନିବାର ଉଦଘାଟନୀ ମ୍ୟାଚ୍ ପରେ ୨୯ ତାରିଖ ରବିବାର ମୁମ୍ବାଇର ଓ୍ୱାଙ୍ଖେଡେ ଷ୍ଟାଡିୟମରେ ମୁମ୍ବାଇ ଇଣ୍ଡିଆନ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

ବେଙ୍ଗାଲୁରୁ, ମୁମ୍ବାଇ, ଗୌହାଟୀ, ନ୍ୟୁ ଚଣ୍ଡିଗଡ଼, ଲକ୍ଷ୍ନୌ, କୋଲକାତା, ଚେନ୍ନାଇ, ଦିଲ୍ଲୀ, ଅହମ୍ମଦାବାଦ ଏବଂ ହାଇଦ୍ରାବାଦ: ୧୦ଟି ସ୍ଥାନରେ ମୋଟ ୨୦ଟି ମ୍ୟାଚ୍ ଖେଳାଯିବ।

## ଏନ୍.ଟି.-ଏଫ୍.ଆଇ.ଏଚ୍. ହକି

ଏଫ୍.ଆଇ.ଏଚ୍. ହକି ଭାରତୀୟ ମହିଳା ବିଶ୍ୱକପ୍‌ର ଯୋଗ୍ୟତା ପର୍ଯ୍ୟାୟରେ ଗତକାଲି ହାଇଦ୍ରାବାଦରେ ଅନୁଷ୍ଠିତ ପୁଲ-ବି'ର ଭାରତୀୟ ଦଳ ୪-୧ ଗୋଲରେ ୱେଲ୍ସ୍‌କୁ ପରାସ୍ତ କରି ସେମିଫାଇନାଲ୍‌କୁ ଉନ୍ନୀତ ହୋଇଛି । ଭାରତର ନବନୀତ କୌର ତିନୋଟି ଏବଂ ସାକ୍ଷୀ ରାଣା ଗୋଟିଏ ଗୋଲ୍ ସ୍କୋର୍ କରିଥିଲେ । ଭାରତ ଏବେ ଫାଇନାଲରେ ନିଜର ସ୍ଥାନ ପକ୍କା କରିବା ପାଇଁ ଆସନ୍ତାକାଲି ଇଟାଲୀ ସହିତ ମ୍ୟାଚ୍ ଖେଳିବ ।

*****